# ବ୍ଲକରେ ନିଯୁକ୍ତି ପାଇଲେ ୫୯ କନିଷ୍ଠ ଶିକ୍ଷକ

ଚାନ୍ଦବାଲି,୭।୧୦(କିଷାନ ପାତ୍ର)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭଦ୍ରକ ଜିଲାରେ ୨୬୦ ମଧ୍ୟରୁ ଚାନ୍ଦବାଲି ବ୍ଲକରେ ୫୯ଜଣ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଜଣାଯାଇଛି। ଫଳରେ ଏକକ ଶିକ୍ଷକ ବିଦ୍ୟାଳୟର ସମସ୍ୟା ଏକପ୍ରକାର ସମାଧାନ ହେବା ସହ ଚାନ୍ଦବାଲି ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ଆଶା ପ୍ରକାଶ ପାଇଛି। ଅପରପକ୍ଷେ ଦମ୍ପତି ବଦଳି ପ୍ରକ୍ରିୟାରେ ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ତଃ ଜିଲାକୁ ବଦଳି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷକ ସମନ୍ୱୟ ସମିତିର ବରିଷ୍ଠ ଉପଦେଷ୍ଟା ଶିକ୍ଷାବିତ୍ ପ୍ରଫୁଲ୍ଲ ଦାସ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଜିଲା ଶିକ୍ଷାଧିକାରୀଙ୍କ ସହ ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ନୂତନ ଭାବେ ନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

# ବିଦାୟ ନେଲେ ପିଲା ଗଣେଶ



ପିଲା ଗଣେଶଙ୍କୁ ଭସାଣି ପାଇଁ ନିଆଯାଉଛି।



ଶୋଭାଯାତ୍ରାରେ ଅଘୋରି ନୃତ୍ୟ।

ଭଦ୍ରକ,୭।୧୦(ସନାତନ ରାଉତ/ରବିନାରାୟଣ ଖ୍ୱଲାର)

ଭଦ୍ରକ ପୌରାଞ୍ଚଳର କୁଆଁସଠାରେ ଏକ ମାସ ଧରି ପୂଜା ପାଇ ଆସୁଥିବା ପିଲା ଗଣେଶଙ୍କୁ ଧୁମ୍‌ଧାମ୍‌ରେ ସୋମବାର ବିଦାୟ ଦିଆଯାଇଛି। ଅପରାହ୍ନରେ ପୂଜା ମଣ୍ଡପଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ କୁଆଁସସ୍ଥିତ ସାଳନ୍ଦୀ ନଦୀ ଘାଟରେ ବିସର୍ଜନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲା ସମେତ ରାଜ୍ୟ ବାହାରୁ ସିଂହବାଜା, ମାଦଳବାଜା, ଅଘୋରି ନୃତ୍ୟ, ସମ୍ବଲପୁରୀ ଓ ବିଭିନ୍ନ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ହୋଇ ନୃତ୍ୟ ସଙ୍ଗୀତରେ ସହର ପ୍ରକମ୍ପିତ ହୋଇଥିଲା। ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ସହର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକେ ଏହାକୁ ଉପଭୋଗ କରିଥିଲେ। ପିଲା ଗଣେଶ କମିଟି ସଭାପତି ସଞ୍ଜୀବ ଦାସ, ସମ୍ପାଦକ ପ୍ରଭାତ ମହାନ୍ତି, କୋଷାଧ୍ୟକ୍ଷ ରାଜ କୁମାର ସେଠୀ, ରାଜୀବ ଦାସ, ଅମରଜିତ ରାୟ, ଅବିନାଶ ପଟ୍ଟନାୟକ, ଦେବରାଜ ବିଶ୍ୱାଳ, ସାର୍ଥକ ଦାସ, ସୁରେନ୍ଦ୍ର ସେଠୀ, ସନ୍ତୋଷ ସେଠୀ, ଯୁବନେତା ରବୀନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୮ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ଯୋଜନାର ସଫଳ ରୂପାୟନ ହୋଇପାରିଲେ ଲକ୍ଷ୍ୟ ସାଧନ ହେବ

ବନ୍ତ,୭।୧୦(ହରିନାରାୟଣ ମହାନ୍ତି)

ଯୋଜନାର ସଫଳ ରୂପାୟନ ହୋଇପାରିଲେ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ସୋମବାର ବନ୍ତ ବ୍ଲକର ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିପୁଣ ଓଡ଼ିଶା ମିଶନର ବ୍ଲକସ୍ତରୀୟ ଶୁଭ ଉନ୍ମୋଚନ ଉତ୍ସବରେ ଅତିଥିମାନେ କହିଛନ୍ତି। ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଗୋଷ୍ଠୀ ସାଧନ ସଂଯୋଜକ ହରେକୃଷ୍ଣ ଆପଟ୍ଟ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର ପଣ୍ଡା, ନରେନ୍ଦ୍ର ବାରିକ ଯୋଗଦେଇ ଛାତ୍ରୀଛାତ୍ର କିପରି ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ସମସ୍ତ ଦକ୍ଷତା ହାସଲ କରିପାରିବେ ସେଥିପ୍ରତି ସମସ୍ତ ଶିକ୍ଷୟତ୍ରୀଶିକ୍ଷକ, ଅଭିଭାବକ ତୃଣମୂଳ ସ୍ତରରୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ପଞ୍ଚାନନ ପୃଷ୍ଟି, ଅଶୋକ ଦାସ, ଭାରତୀ ମିଶ୍ର, ରମାକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ଦାସ ଓ କୂଳପ୍ରଭା ସୁଆର ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମସ୍ତ ସିଆର୍‌ସିସି, ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିକ୍ଷକ ଉତ୍ତମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଛାତ୍ର ରାଜନୀତିର ମାର୍ଗଦର୍ଶକ ଥିଲେ ଲକ୍ଷ୍ମୀନାରାୟଣ’

ଭଦ୍ରକ,୭।୧୦(ସନାତନ ରାଉତ)

ଜିଲାର କ୍ଷମତାଶାଳୀ ବ୍ୟକ୍ତିତ୍ୱ ଏବିଭିପିର ପୂର୍ବତନ ରାଜ୍ୟ ସମ୍ପାଦକ, ଭଦ୍ରକ କଲେଜ ଛାତ୍ରସଂସଦର ପୂର୍ବତନ ସଭାପତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସାଧାରଣ ସମ୍ପାଦକ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ବିୟୋଗରେ ଏବିଭିପି ପକ୍ଷରୁ ସୋମବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସଙ୍କ ସଂଯୋଜନାରେ ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ ଏବିଭିପି ଓଡ଼ିଶାର ପ୍ରାନ୍ତ ପ୍ରମୁଖ ତଥା ପୂର୍ବତନ ରାଜ୍ୟ ସଭାପତି ଅଧ୍ୟାପକ ଦିଲୀପ କୁମାର ଦାସ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ତ୍ରୈଲୋଚନ ସାହୁ, ରାଜ୍ୟ ସହସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ବାଲେଶ୍ୱର ବିଭାଗ ପ୍ରମୁଖ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀନାରାୟଣ ବହୁ ଛାତ୍ର ନେତା ତିଆରି କରିଥିଲେ। ଛାତ୍ର ରାଜନୀତିରେ ସେ ଜଣେ ସଫଳ ମାର୍ଗଦର୍ଶକ ଥିଲେ ବୋଲି ସ୍ମୃତିଚାରଣ କରିଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିଜୟ ଭୂଷଣ ନାୟକ, ଅମ୍ବିକା ଦାସ, ବିପ୍ଳବ ହୋତା, ଅବସରପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ନୀଳକଣ୍ଠ ସାହୁ, ରତିକାନ୍ତ ଆଚାର୍ଯ୍ୟ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପ୍ରତାପ କୁମାର ନାୟକ, ସାମାଜିକ କର୍ମୀ ଦୀନବନ୍ଧୁ ପତି, ଏବିଭିପିର ପୁରାତନ କାର୍ଯ୍ୟକର୍ତ୍ତା ଅମୂଲ୍ୟ ଦାସ, ଜଗନ୍ନାଥ ଦାଶ, ଗୋବିନ୍ଦ ଚନ୍ଦ୍ର ରାଉତ, ଅଜୟ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏବିଭିପିର ଭଦ୍ରକ ଜିଲା ସହ ପ୍ରମୁଖ ଅଧ୍ୟାପକ କିଶୋର କୁମାର ପୃଷ୍ଟି, ପୁରୁଷୋତ୍ତମ ବେହେରା, ବିଭୁ କିଶୋର ରାଉତ, ପ୍ରିୟଙ୍କା ଦାଶ, ବାଲେଶ୍ୱର ଜିଲା ସଂଯୋଜକ ସଞ୍ଜୀବ ମହାରଣା, ଭଦ୍ରକ ଜିଲା ସଂଯୋଜିକା ପାର୍ବତୀ ମିଶ୍ର, ଆକାଶ ପଣ୍ଡା, ବସନ୍ତ ଦୀକ୍ଷିତ ପ୍ରମୁଖ ସହଯୋଗ କରିଥିଲେ।

# ଗାଇଡ୍‌ଲାଇନ ନ ମାନିଲେ କାର୍ଯ୍ୟାନୁଷ୍ଠାନ

**ପୋଲିସ ପକ୍ଷରୁ ପୂଜା ସଚେତନତା**

ଆଗରପଡ଼ା,୭।୧୦(ସୁଶାନ୍ତ ଦାଶ)

ପାର୍ବଣ ଋତୁ ଆସି ଯାଇଥିବା ବେଳେ ଦୁର୍ଗା, ଗଜଲକ୍ଷ୍ମୀ ପୂଜା ଓ କାଳୀ ପୂଜା ପାଳନ ନେଇ ଆଗରପଡ଼ା ପୋଲିସ ପକ୍ଷରୁ ଜନସଚେତନତା କରାଯାଇଛି। ସାଉଣ୍ଡ ଏବଂ ଡିଜେ ବ୍ୟବହାର ପାଇଁ ହାଇକୋର୍ଟ ପକ୍ଷରୁ ବିଭିନ୍ନ ଗାଇଡ୍‌ଲାଇନ ଜାରି କରାଯାଇଥିବାରୁ ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପତିଙ୍କ ସଭାପତିତ୍ୱରେ ଥାନା ପରିସରରେ ସଚେତନତା ସଭା କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ, ପୂଜା କମିଟି କର୍ମକର୍ତ୍ତା, ସାଉଣ୍ଡ ସିଷ୍ଟମ ଓ ଡିଜେ ପରିଚାଳନା କରୁଥିବା ମାଲିକ ଯୋଗ ଦେଇଥିଲେ। ଗାଇଡ୍‌ଲାଇନ ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ସହ ଶବ୍ଦ ନିୟନ୍ତ୍ରଣ ପାଇଁ ସହଯୋଗ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଗାଇଡ୍‌ଲାଇନ ଭଙ୍ଗ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ଥିବା ଜଣାଯାଇଛି। ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୁରୁଷଣ୍ଡ ସମିତି ସଭାପତି ପ୍ରଶାନ୍ତ ଦାଶ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିଜୟ ଜେନା, ସରପଞ୍ଚ ପ୍ରତିନିଧି ଦୀପକ ମହାନ୍ତି, ସତ୍ୟସାଧନ ବେଜ, ବସନ୍ତ ପତି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପଣ୍ଡା, ରବିନାରାୟଣ ମହାନ୍ତି, ଅଶୋକ ପରିଡ଼ା ପ୍ରମୁଖ ସଭାରେ ଯୋଗ ଦେଇଥିଲେ।

# ୮ ଆବେଦନକାରୀଙ୍କୁ ଆର୍ଥିକ ସହାୟତା



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଭଦ୍ରକ,୭।୧୦(ସନାତନ ରାଉତ)

**ଜନଶୁଣାଣିରେ ୨୪୬ ଅଭିଯୋଗ**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଯୋଗଦେଇ ଆସିଥିବା ମୋଟ ୨୪୬ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୧୦ଟି ବ୍ୟକ୍ତିଗତ ସମସ୍ୟା ଓ ୩୬ଟି ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ପ୍ରଧାନମନ୍ତ୍ରୀ ଆବାସ, ଲେବର କାର୍ଡ, ଜଳ ନିଷ୍କାସନ, ରାସ୍ତା ମରାମତି, ରାଶନ କାର୍ଡ ସମ୍ବନ୍ଧୀୟ ଅଧିକ ଅଭିଯୋଗ ହୋଇଥିଲା। ୮ ଆବେଦନକାରୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ଚିକିତ୍ସା ନିମନ୍ତେ ସମୁଦାୟ ୩୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲାପାଳ ମଞ୍ଜୁର କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ପ୍ରମୁଖ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପଢୁଥିବା ଯୁକ୍ତ ୩ କଳା ବିଭାଗ ଛାତ୍ରୀ ତଥା ଭଦ୍ରକ ବ୍ଲକ ଆର୍‌ଏନ୍ ବେତରା ପଞ୍ଚାୟତ ବଳରାମପୁର ଗ୍ରାମର ଦୃଷ୍ଟିବାଧିତ ରଶ୍ମିତା ମହାନ୍ତିଙ୍କୁ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଲାପ୍‌ଟପ୍ ପ୍ରଦାନ କରାଯାଇଥିଲା। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତନ୍ମୟ କୁମାର ଜେନା, ସାଧାରଣ ବିବିଧ ବିଭାଗର ଅଭିନେତ୍ରୀ ମହାନ୍ତି, ଲିସାରାଣୀ ରାଉତ ପ୍ରମୁଖ ଅଭିଯୋଗ ପଞ୍ଜୀକରଣ ଓ ଉପସ୍ଥାପନା ପରିଚାଳନାରେ ସହଯୋଗ କରିଥିଲେ।

# ବାଇପାସ୍ ଦୁର୍ଗାପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ଭଦ୍ରକ,୭।୧୦ (ରବିନାରାୟଣ ଖ୍ୱଲାର)



ବାଇପାସ୍ ଦୁର୍ଗାପୂଜା କମିଟି ପକ୍ଷରୁ ତିଆରି ହୋଇଥିବା ତୋରଣ।

ଭଦ୍ରକ ଜିଲା ବାଇପାସ୍ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁର୍ଗାପୂଜା ପାଇଁ ଭଦ୍ରକ ସହର ଚଳଚଞ୍ଚଳ ହୋଇଉଠିବା ସହିତ ରବିବାରଠାରୁ ମୀନାବଜାର ମେଳା ଆରମ୍ଭ ହୋଇଛି। ଭଦ୍ରକର ସବୁଠାରୁ ବ୍ୟୟବହୁଳ ଓ ଆକର୍ଷଣୀୟ ପୂଜା ବାଇପାସ୍ ଦୁର୍ଗାପୂଜା ଚଳିତବର୍ଷ ୧୬ ବର୍ଷରେ ପଦାର୍ପଣ କରିଛି। ୨୦୦୯ରୁ ଆରମ୍ଭ ହୋଇଥିବା ଏହି ପୂଜା ମଣ୍ଡପର ତୋରଣ ଆକର୍ଷଣୀୟ ହୋଇଛି। ମୀନାବଜାର ସାଙ୍ଗକୁ ୪ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା କମିଟିର ଉପଦେଷ୍ଟା ରାଜେନ୍ଦ୍ର ଦାସ, ବାମଦେବ ମିଶ୍ର, ନିରଞ୍ଜନ ମହାନ୍ତି, କମିଟି ସଭାପତି ଗୋପାଳ ଚନ୍ଦ୍ର ନାୟକ, ସମ୍ପାଦକ ଭବତୋଷ ଦାସ, ଉପ ସଭାପତି ଅଶୋକ ଦ୍ୱିବେଦୀ, ସୂର୍ଯ୍ୟନାରାୟଣ ମହାନ୍ତି, କୋଷାଧ୍ୟକ୍ଷ ଜୟନ୍ତୀଲାଲ ପଟେଲ, ବିଜୟ ପତି, ନବଘନ ଦାସ, ବିଶ୍ୱନାଥ ବାରିକ, ପ୍ରକାଶ ଜେନା, ପ୍ରଶାନ୍ତ ଲେଙ୍କା, ଅଭୟ ପଣ୍ଡା, ସୁରେନ୍ଦ୍ର ପାଣି, ସଞ୍ଜୀବ ଦାସ ପ୍ରମୁଖ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ସଭାପତି କହିଛନ୍ତି।

# ବେତଡ଼ା ବଜାରରେ ଅବାଧ ନିଶା କାରବାର

ବାସୁଦେବପୁର,୭।୧୦(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବେତଡ଼ା ବଜାର ଏକ ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳ ଅଟେ। ଏହି ବଜାରଟି ବାସୁଦେବପୁର, ସୋର, ସିମୁଳିଆ ଆଦି ୩ଟି ନିର୍ବାଚନ ମଣ୍ଡଳୀର ସୀମା ସଂଲଗ୍ନ ଅଞ୍ଚଳ। ସୋର, ସିମୁଳିଆ, ବାସୁଦେବପୁର ଅଞ୍ଚଳର ଜନସାଧାରଣ ବ୍ୟବସାୟ ତଥା କ୍ରୟ ବିକ୍ରୟ ପାଇଁ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ଦିନକୁ ଦିନ ଏହି ବଜାରର ଆଇନଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ବେଳେ ନିଶା କାରବାର ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଚୋରା ଗଞ୍ଜେଇ, ମଦ, ଅଫିମ ତଥା ନିଶା କାରବାରର ହବ୍ ସେଣ୍ଟର ପାଲଟିଛି ଏହି ବଜାର। ବିଶେଷ କରି ଗୋରୁହାଟ ପଡ଼ିଆ ପୋଖରୀ ସଂଲଗ୍ନ ଅଞ୍ଚଳ, ମୁଖ୍ୟ ବଜାର ପରିସର, କେନାଲଆଡ଼ି ବନ୍ଧ ଅଞ୍ଚଳରେ ମଧ୍ୟ ନିଶା କାରବାର ବଢ଼ିବାରେ ଲାଗିଛି। ଆନ୍ତରାଜ୍ୟ ଚୋରା ମଦ ଓ ଗଞ୍ଜେଇ କାରବାର କରୁଥିବା ଅସାମାଜିକ ବ୍ୟକ୍ତିମାନେ ବେତଡ଼ା ଅଞ୍ଚଳର କେତେକ ଅସାଧୁ ବ୍ୟକ୍ତିଙ୍କୁ ହାତବାରିଶି କରି ଅନାୟାସରେ ନିଶା କାରବାର କରି ମୁନାଫା କମାଉଥିବା ବେଳେ ଯୁବଗୋଷ୍ଠୀ ନିଶା କବଳରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ସେହିପରି ବ୍ରାଉନସୁଗାର କାରବାର ମଧ୍ୟ ଏହି ବଜାରରେ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଗତ ୨ ମାସ ତଳେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ବେଳେ ଗୋରୁହାଟ ପଡ଼ିଆରୁ ଏକ କାର୍ ସମେତ ୨୦ କେଜି ଗଞ୍ଜେଇ ଜବତ ହେବା ସହ ୩ ଜଣ ଆନ୍ତରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅପରାଧି ଓ ନିଶା କାରବାର କରୁଥିବା ବ୍ୟକ୍ତିମାନେ ଅପରାଧ ଘଟାଇ ତୁରନ୍ତ ଏହି ଅଞ୍ଚଳ ଛାଡ଼ି ସୋର, ସିମୁଳିଆ ଅଞ୍ଚଳକୁ ଖସି ପଳାଉଥିବା ବେଳେ ବାସୁଦେବପୁର ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଗଜଲକ୍ଷ୍ମୀ ପୂଜା ପାଇଁ ଏହି ବଜାର ବେଶ ଚଳଚଞ୍ଚଳ ହେବାକୁ ଯାଉଥିବା ବେଳେ ପୋଲିସ ପ୍ରଶାସନ ଓ ଅବକାର ବିଭାଗ ଏଥିପ୍ରତି ସଚେତନ ଓ ସକ୍ରୀୟ ରହି ନିଶା କାରବାର ରୋକିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମେଡିକାଲ କଲେଜ ଦାବି ଜଣାଇଲେ ବିଧାୟକ



ବିଧାୟକ ସିତାଂଶୁ ଶେଖର ମହାପାତ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ,୭।୧୦(ସନାତନ ରାଉତ)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ବାଲେଶ୍ୱର ଯାଉଥିବା ବେଳେ ଭଦ୍ରକଠାରେ ମେଡିକାଲ କଲେଜ ସ୍ଥାପନ ନେଇ ବିଧାୟକ ସିତାଂଶୁ ଶେଖର ମହାପାତ୍ର ତାଙ୍କୁ ଦାବି ଜଣାଇଛନ୍ତି। ମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ସମୟରେ ଭଦ୍ରକ ଆରଡ଼ିଛକ ନିକଟସ୍ଥ ସର୍କିଟ୍ ହାଉସରେ ବିଧାୟକ ସାକ୍ଷାତ କରିଥିଲେ। ଭଦ୍ରକ ଜିଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ସ୍ଥାପନ ପାଇଁ ଆଲୋଚନା କରିବା ସହ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଆଲୋଚନା ବେଳେ ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀଙ୍କ ସହ ବିଧାୟକଙ୍କ ସମର୍ଥକ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମେଡିକାଲ କଲେଜ ସ୍ଥାପନ ଓ ଜିଲାରେ ସ୍ୱାସ୍ଥ୍ୟସେବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ‘ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଘଟାଏ ପ୍ରାଥମିକ ଶିକ୍ଷା’




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ତିହିଡ଼ି,୭।୧୦(ସଞ୍ଜିତ ବଳ)

**ନିପୁଣ ଓଡ଼ିଶା ମିଶନ**

ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ପାଇଁ ପ୍ରଥମରୁ ୩ୟ ଶ୍ରେଣୀ ଗୁରୁତ୍ୱପୂର୍ଣ୍ଣ। ପ୍ରାଥମିକ ଶିକ୍ଷା ସେମାନଙ୍କ ବିକାଶ ଘଟାଇଥାଏ। ଏହି ପ୍ରାଥମିକ ସ୍ତର ପ୍ରତି ଶିକ୍ଷକମାନେ ଧ୍ୟାନ ଦେଲେ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ସୋମବାର ନିପୁଣ ଓଡ଼ିଶା ମିଶନ-୨୦୨୪ ଶୁଭ ଉନ୍ମୋଚନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସରକାରଙ୍କ ଏହି ମିଶନ କିପରି ସଫଳତା ପୂର୍ବକ ଲକ୍ଷ୍ୟ ହାସଲ କରିବ ସେଥିପ୍ରତି ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଏବିଇଓ ରତ୍ନାକର ସାହୁ, ଲକ୍ଷ୍ମୀପ୍ରିୟା ମାଝୀ, ଦାମୋଦର ଜେନା, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ସାମାଜିକ କର୍ମୀ ସଚ୍ଚିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ବଳ ଶିକ୍ଷକ ସରୋଜ କୁମାର ଓଝା, ରେଖା ମିଶ୍ର ଓ ସରୋଜ କୁମାର ଦାସ ନିପୁଣ ଓଡ଼ିଶା ମିଶନର ଲକ୍ଷ୍ୟ ସହ ଏହାର ସଫଳତା ନେଇ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସିଆର୍‌ସିସି କେଶବ ସାହୁ ଅତିଥି ପରିଚୟ ଦେଇଥିଲେ। ସିଆର୍‌ସିସି ତ୍ରିନାଥ ସେଠୀ, ଦେବବ୍ରତ ଶତପଥୀ, ଚନ୍ଦ୍ରଶେଖର ମୁଦୁଲି, ଶିବବ୍ରତ ମିଶ୍ର, ଜନ୍ମେଜୟ ସାହୁ, ଚନ୍ଦନ ପାତ୍ର, ଭାଗୀରଥି ତ୍ରିପାଠୀ, ବିଭୂତି ଭୂଷଣ ରାଉତ, ପ୍ରଭାକର ମଲ୍ଲିକ, ସସ୍ମିତା ନାୟକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଖାଲିପଡ଼ିଛି ସମ୍ପାଦକ ପଦବୀ, ଚାଷୀ ହଇରାଣ

ଧାମନଗର,୭।୧୦(ସନ୍ତୋଷ କୁମାର ମହାପାତ୍ର)

**ସହକାରୀ ନିବନ୍ଧକଙ୍କ ନିର୍ଦ୍ଦେଶ ମାନୁନି ସମିତି ପରିଚାଳନା ପରିଷଦ**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ସେବା ସମବାୟ ସମିତିର ସମ୍ପାଦକଙ୍କ ମୃତ୍ୟୁର ୧ ମାସ ପରେ ମଧ୍ୟ ପଦବୀ ଖାଲି ପଡ଼ିଛି। ଭଦ୍ରକ ସହକାରୀ ନିବନ୍ଧକଙ୍କ ଚିଠି ଓ ବିବିସିସିବି ଧାମନଗର ଶାଖା ପରିଚାଳକଙ୍କ ଅନୁମୋଦନକ୍ରମେ ଭଗବାନପୁର ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତଙ୍କୁ ଧୁଷୁରୀ ସମିତିର କାର୍ଯ୍ୟଭାର ନିର୍ବାହ କରିବାକୁ ଧାର୍ଯ୍ୟ କରାଯାଇଥିଲା। ପୂର୍ବରୁ ସେ ଦୋବଲ ସମିତିର ସହ ସମ୍ପାଦକ ଥିବା ସମୟରେ ୨୦୧୪ରୁ ଭଗବାନପୁର ସମିତିର ଭାରପ୍ରାପ୍ତ ସମ୍ପାଦକ ଭାବେ ଦାୟିତ୍ୱ ନେଇ କାର୍ଯ୍ୟ କରି ଆସୁଛନ୍ତି। ଭଗବାନପୁର ସମିତିର କାର୍ଯ୍ୟଭାର ନେବାର କିଛିଦିନ ପରେ ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ ଡବ୍ଲ୍ୟୁପିସି ୧୩୩୯୭/୨୦୧୬, ୯୦୮୧/୨୦୧୬ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ଆଦେଶ ମୁତାବକ ସେ ଦୁଇଟି ସମବାୟ ସମିତିରେ କାର୍ଯ୍ୟ କରିପାରିବେ ନାହିଁ ଏବଂ ତୁରନ୍ତ ଶ୍ରୀଜଗନ୍ନାଥ ସମିତି ଭାରପ୍ରାପ୍ତ ସମ୍ପାଦକ ପଦକୁ ରଦ୍ଦ କରାଯାଉ ବୋଲି ଶ୍ରୀଜଗନ୍ନାଥ ସମିତିର ବୋର୍ଡ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲା। ପରେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରିତାକୁ ନେଇ ବାଲେଶ୍ୱର ଉପନିବନ୍ଧକ ଚିଠି ମାଧ୍ୟମରେ ଶ୍ରୀଜଗନ୍ନାଥ ସେବା ସମିତିର ପରିଚାଳନା ପରିଷଦକୁ କାରଣ ଦର୍ଶାଅ ନୋଟିସ ମଧ୍ୟ କରିଥିଲେ। ହେଲେ ଉକ୍ତ ନିର୍ଦ୍ଦେଶ ସବୁ ଅଦ୍ୟାବଧି ଫାଇଲ ତଳେ ଚାପି ହୋଇ ରହିଯାଇଛି। ଏହାର ମାତ୍ର ୪ ଦିନ ପରେ ପୁନର୍ବାର ଭଦ୍ରକ ସହକାରୀ ନିବନ୍ଧକଙ୍କ ଦ୍ୱାରା ଉଲ୍ଲେଖ ଥିବା ନିର୍ଦ୍ଦେଶକୁ କୌଣସି କାରଣ ବଶତଃ ପରିବର୍ତ୍ତନ କରାଯାଇଥିଲା। ଧୁଷୁରୀ ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱରୁ ହଟାଇ ଦିଆଯାଇ ତାଙ୍କ ସ୍ଥାନରେ ଲେଜର କ୍ଲର୍କ ଶୁଭଦର୍ଶନ ନାୟକଙ୍କୁ ଦାୟିତ୍ୱ ଦିଆଗଲା ବୋଲି ଦର୍ଶାଇଥିଲେ। ଏହାସହ ଯଥାଶୀଘ୍ର ଶୁଭଦର୍ଶନଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଅଦ୍ୟାବଧି ନବନିଯୁକ୍ତ ସମ୍ପାଦକ ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ନାହିଁ। ଏହି ସମସ୍ୟାକୁ ନେଇ ସମିତି ଅଧୀନରେ ଥିବା ଋଣୀ ଚାଷୀମାନେ ହଇରାଣ ହେଉଛନ୍ତି।

ଅପରପକ୍ଷେ ଉପରିସ୍ଥ ବିଭାଗ ଖାଲି ଚିଠି ପରେ ଚିଠି କରି ବସି ଯାଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା କହିଛନ୍ତି, ଦାୟିତ୍ୱ ହସ୍ତାନ୍ତର ଦେବା ନେବା ତାଙ୍କ ଅଧୀନରେ ନୁହେଁ ଏବଂ ଏହା ହେଉଛି ଭଦ୍ରକ ସହକାରୀ ନିବନ୍ଧକଙ୍କ ଦାୟିତ୍ୱ। ସହକାରୀ ନିବନ୍ଧକ ପ୍ରାଚିତା ଜେନା କହିଛନ୍ତି, ଧୁଷୁରୀ ସମିତିର ଲେଜର କ୍ଲର୍କ ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ପରିଚାଳନା ପରିଷଦକୁ ଚିଠି କରାଯାଇଛି। ପ୍ରକାଶ ପ୍ରକୃତରେ ଦୋବଲ ସମିତିର କର୍ମଚାରୀ ଥାଇ ବି ଶ୍ରୀଜଗନ୍ନାଥ ସମିତିରେ ଦାୟିତ୍ୱରେ ଅଛନ୍ତି। ଜଣେ କେବଳ ଗୋଟିଏ ସମିତି ଦାୟିତ୍ୱରେ ରହିବାକୁ ସରକାରୀ ନିୟମ ରହିଛି। ସେ ୩ଟି ସମିତିର ଦାୟିତ୍ୱ ନେଇପାରିବେ ନାହିଁ। ଏଣୁ ତାଙ୍କୁ ହଟାଇ ଦିଆଗଲା। ଏ ସଂକ୍ରାନ୍ତରେ କ୍ଷେତ୍ର ସମ୍ପ୍ରସାରଣ ଅଧିକାରୀ ରିପୋର୍ଟ ଦେଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଧୁଷୁରୀ ସମିତି ପରିଚାଳନା ପରିଷଦ ସଭାପତି ସନ୍ଦୀପ ସ୍ୱାଇଁ କହିଛନ୍ତି, ସହକାରୀ ନିବନ୍ଧକ ସମବାୟ ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି। ଯାହାଦ୍ୱାରା ତାଙ୍କ ନିର୍ଦ୍ଦେଶକୁ ବୋର୍ଡ ମାନିବାକୁ ବାଧ୍ୟ ନୁହେଁ। ଆବଶ୍ୟକ ପଡ଼ିଲେ ତାଙ୍କ ବିରୋଧରେ ହାଇକୋର୍ଟକୁ ଯିବେ।

## ଗହଣା ଦୋକାନରୁ ଚୋରି

ବସ୍ତା,(ହରି ଶଙ୍କର ପାଢ଼ୀ): ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାହାଡ଼ା ମାର୍କେଟରେ ଥିବା ଶାନ୍ତି ଜୁଏଲେରିରୁ ରବିବାର ଅଭିନବ ଉପାୟରେ ଲୁଟ୍ ହୋଇଛି। ୨ ଦୁର୍ବୃତ୍ତ ଗ୍ରାହକ ବେଶରେ ଆସି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ସିଂଲା ଥାନା ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବନମାଳି ସାନ୍ତରାଙ୍କ ଶାନ୍ତି ଜୁଏଲେରିକୁ ରବିବାର ୨ ଯୁବକ ଗହଣା କିଣିବା ବାହାନାରେ ଆସି ସୁଯୋଗ ଉଣ୍ଡି ଗହଣା ଧରି ଚମ୍ପଟ ମାରିଥିଲେ।

# ବାଲେଶ୍ୱର

## ଦୁର୍ଗାପୂଜା ପାଇଁ ପୋଲିସ ପ୍ରଶାସନର ଚୂଡ଼ାନ୍ତ ପ୍ରସ୍ତୁତି

# ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

- ସୋସିଆଲ ମିଡିଆରେ ଫେକ୍ ପୋଷ୍ଟ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ
- ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ଓ ପାର୍କିଂର ବ୍ୟବସ୍ଥା

ବାଲେଶ୍ୱର,୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ସାର୍ବଜନୀନ ଦୁର୍ଗାପୂଜା ଉତ୍ସବ ପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ଆସନ୍ତା ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ପୂଜା ଉତ୍ସବ ପାଳନ ହେଉଥିବା ବେଳେ ୧୪ ତାରିଖରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ୧୦ ତାରିଖରେ ମହାସପ୍ତମୀ, ୧୧ ତାରିଖରେ ମହାଷ୍ଟମୀ ପୂଜା ଓ ବୀରାଷ୍ଟମୀ ଆଖଡ଼ା, ୧୨ ତାରିଖରେ ମହାନବମୀ ପୂଜା ଓ ଆଇଟିଆଇ ପଡ଼ିଆରେ ରାବଣ ପୋଡ଼ି, ୧୩ ତାରିଖରେ ଦଶହରା ଆଖଡ଼ା ଓ ୧୪ରେ ଭସାଣି ଶୋଭାଯାତ୍ରା ପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଥିବା ବାଲେଶ୍ୱର ଡିଆଇଜିଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାଏକ ଗଣମାଧ୍ୟମକୁ କହିଛନ୍ତି।

ଏଥର ସହରରେ ୮୦ରୁ ଊର୍ଦ୍ଧ୍ୱ ମେଢ଼ ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ କମ୍ପାନୀ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ, ୨୫ ପ୍ଲାଟୁନ ଷ୍ଟେଟ୍ ପୋଲିସ ଫୋର୍ସ, ୩ ଅତିରିକ୍ତ ଏସ୍‌ପି, ୧୪ ଡିଏସ୍‌ପି, ୨୪ ଇନ୍ସପେକ୍ଟର, ୧୩୫ ଏସ୍ଆଇ ଓ ଏଏସ୍ଆଇଙ୍କ ସମେତ ମୋଟ୍ ୩୪ ପ୍ଲାଟୁନ୍ ଫୋର୍ସର ବ୍ୟବସ୍ଥା ହୋଇଛି। ଏସ୍‌ପିଙ୍କ ନେତୃତ୍ୱରେ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। କେହି ଯଦି ସୋସିଆଲ ମିଡିଆରେ ଫେକ୍ କିମ୍ବା ଆପତ୍ତିଜନକ ପୋଷ୍ଟ କରନ୍ତି ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ଗୁଜବକୁ ବିଶ୍ୱାସ ନ କରି ସୋସିଆଲ ମିଡିଆ ମନିଟରିଂ ସେଲ୍ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଲୁଟ୍ ଓ ଛିନ୍‌ତାଇକୁ ଦୃଷ୍ଟିରେ ରଖି ମୋବାଇଲ ପାଟ୍ରୋଲିଂର ବ୍ୟବସ୍ଥା, ବିଭିନ୍ନ ସ୍ଥାନରେ ଷ୍ଟାଟିକ୍ ଫୋର୍ସ ଓ ଗାର୍ଡ ନିୟୋଜିତ କରାଯିବ। ସହରର ସବୁ ସ୍ଥାନରେ ପିସିଆର ଭ୍ୟାନ୍ ବୁଲିବ। ଭିଡିଓ ରେକର୍ଡିଂ ଟିମ୍, ଡ୍ରୋନ୍‌ର ବ୍ୟବହାର, ପୂଜା ମଣ୍ଡପରେ ସିସିଟିଭି, ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ଓ ପାର୍କିଂର ବ୍ୟବସ୍ଥା ହେବ। ଜନସାଧାରଣଙ୍କ ଅଭିଯୋଗ ଓ ଆବେଦନ ନିମନ୍ତେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ରହିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜ ପ୍ରସାଦ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡିଆଇଜି ଓ ଏସ୍‌ପି।

## ଟ୍ରେନ୍‌ରୁ ୮୭ କଇଁଛ ଜବତ

### ଓଡ଼ିଶାରୁ ପଶ୍ଚିମବଙ୍ଗ ହେଉଥିଲା ଚୋରା ଚାଲାଣ


ଆରପିଏଫ୍ ଥାନା ପୋଲିସ ଓ ବନ କର୍ମଚାରୀ ଜବତ କଇଁଛ ସମ୍ପର୍କରେ ସୂଚନା ଦେଉଛନ୍ତି।

ବାଲେଶ୍ୱର,୭।୧୦(ବାଞ୍ଛାନିଧି ଦେ)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଷ୍ଟେଶନରେ ଆରପିଏଫ୍ ଥାନା ପୋଲିସ ଚଢ଼ାଉ କରି ଏକ ଟ୍ରେନ୍‌ରୁ ୮୭ କଇଁଛ ଜବତ କରିଛି। କଇଁଛ ବ୍ୟବସାୟୀ ଟ୍ରେନ୍‌ରୁ ଚମ୍ପଟ ମାରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଭଦ୍ରକରୁ ଖଡ଼ଗପୁର ଯାଉଥିବା ମେମୋ ଲୋକାଲ ଟ୍ରେନ୍‌ଟି ରୂପ୍‌ସାରେ ଛିଡ଼ା ହୋଇଥିବା ବେଳେ ଆରପିଏଫ୍ ଥାନା ଆଇଆଇସି କୁନ୍ଦନ କୁମାର ଝାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲେ। ଓଡ଼ିଶାରୁ ପଶ୍ଚିମବଙ୍ଗ ଚୋରା ଚାଲାଣ କରୁଥିବା ବ୍ୟବସାୟୀ ଜଣକ ଖସି ପଳାଇଥିଲେ। ଟ୍ରେନ୍ ଭିତରୁ ୮୭ଟି କଇଁଛ ଜବତ କରାଯାଇଥିଲା। ଏ ସମ୍ପର୍କରେ ବନ ବିଭାଗକୁ ଖବର ଦିଆଯାଇଥିଲା। ବନବିଭାଗ ଏଡିଏସ୍‌ଷ୍ଟାଫ୍ ସଦାନନ୍ଦ ଜେନା, ଫରେଷ୍ଟ ଗାର୍ଡ ଶଶାଙ୍କ ଶେଖର ଜେନା ଓ ତପନ କୁମାର ଜେନା ରବିବାର ରାତିରେ ପହଞ୍ଚି ଜବତ କଇଁଛକୁ ବନ ବିଭାଗ ହେପାଜତକୁ ନେଇଥିଲେ। ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୧୩ସିଏଚ୍/୨୦୨୪-୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଜବତ କଇଁଛଗୁଡ଼ିକୁ ସୋମବାର ବାଲେଶ୍ୱର ନିକଟ ବୁଢ଼ାବଳଙ୍ଗ ନଦୀରେ ଛଡ଼ା ଯାଇଥିଲା।

## ବନ୍ୟପ୍ରାଣୀ ସପ୍ତାହ ପାଳିତ

ନୀଳଗିରି,୭।୧୦(ପ୍ରଶାନ୍ତ ବିଶ୍ୱାଳ)

ବୃକ୍ଷଲତା ତଥା ଜୀବଜନ୍ତୁଙ୍କୁ ଆବଶ୍ୟକ ସୁରକ୍ଷା ପ୍ରଦାନ କରିବା ଓ ପରିବେଶକୁ ସନ୍ତୁଳିତ କରିବାରେ କିଛି ମାତ୍ରାରେ ସହାୟତା କରିବା ଉଦ୍ଦେଶ୍ୟରେ ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ବନଖଣ୍ଡ ବିଭାଗ ତରଫରୁ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦଳଦଳି ଗ୍ରାମର ଅଧିବାସୀ ଏବଂ କୁଲଡ଼ିହା ୱାଇଲ୍ଡଲାଇଫ ଫାଉଣ୍ଡେଶନ ଓ ରେ ଅଫ୍ ହୋପ୍ସର ମିଳିତ ଆନୁକୂଲ୍ୟରେ ସଂସ୍ଥାର ସଭ୍ୟାସଭ୍ୟଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା।

ସଭାରେ କୁଲଡ଼ିହା ୱାଇଲ୍ଡଲାଇଫ ରେଞ୍ଜର ପ୍ରବୀର କୁମାର ମୁର୍ମୁ, ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ ଓ କୁଲଡିହା ୱାଇଲ୍ଡଲାଇଫ ଫାଉଣ୍ଡେଶନ ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ଅସିତ୍ ପ୍ରଧାନ, ସାମାଜିକ କର୍ମୀ ଅମିତ ବଳିଆରସିଂ ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଜଙ୍ଗଲ ଅଧ୍ୟୁଷିତ ଗାଁ ଲୋକଙ୍କୁ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ 'ରେ ଅଫ ହୋପ୍ସ'ର ସ୍ୱସ୍ତିକ ଦେ, ରାଇମଣୀ ମୁର୍ମୁ, ଆଗ୍ନେଶା ପଟ୍ଟନାୟକ, ଓମ୍‌କାର ମୋହନ ଦାସ, ପ୍ରଶାନ୍ତ ଦାସ, ଜୟରାମ ହାଁସଦା, ଉପାସନା ପଟ୍ଟନାୟକ, ସସ୍ମିତା ମାଝି ଓ ଆଇନଜୀବୀ ସୁରେଶ ଭୋଳ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀମାନେ।

## ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାରା ବଣ୍ଟନ



ମହିଳାମାନଙ୍କୁ ଚାରା ବଣ୍ଟନ କରାଯାଉଛି।

### 'ପୋଷଣ ମାସ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲେଶ୍ୱର,୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜସେବା ବିଭାଗ ଓ ଜନସଂଖ୍ୟା ଅଧ୍ୟୟନ ବିଭାଗ ମିଳିତ ଉଦ୍ୟମରେ ଆୟୋଜିତ 'ପୋଷଣ ମାସ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ମାସେ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ନିଜ ଅନୁଭୂତି ଓ ସମାଜ ଗଠନରେ ଦାୟିତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଜନସଂଖ୍ୟା ଅଧ୍ୟୟନର ଅଧ୍ୟାପକ ଡ. ଜଗନ୍ନାଥ ବେହେରା 'ପୋଷଣ ମାସ'ର ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସଂଯୋଜକ ଡ. ଗ୍ରେସ୍‌ବି ମୁଣ୍ଡ ଉଭୟ ମା' ଓ ଶିଶୁଙ୍କ ପୁଷ୍ଟିକର ଖାଦ୍ୟ ଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମାଜସେବା ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ, ଜନସଂଖ୍ୟା ଅଧ୍ୟୟନ ବିଭାଗର ଅଧ୍ୟାପକ ସମୀର କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଚାରା ବଣ୍ଟନ କରାଯାଇଥିଲା। ଉଭୟ ବିଭାଗର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ସୋର,୭।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ହେଁସଗୁଡା ଗ୍ରାମର ଜଣେ ଯୁବକଙ୍କୁ କୁରାଢ଼ିରେ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରଘୁନାଥ ପାତ୍ର। ଗତ ସେପ୍ଟେମ୍ବର ୨୫ ତାରିଖ ରାତିରେ ହେଁସଗୁଡ଼ା ଗ୍ରାମର ନିତ୍ୟାନନ୍ଦ ସାହୁ ଭୋଜି ଖାଇ ଫେରୁଥିବା ବେଳେ ସେହି ଗ୍ରାମର ରଘୁନାଥ ତାଙ୍କୁ ଏକ କୁରାଢ଼ିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ନିତ୍ୟାନନ୍ଦ ଡାକ୍ତରଖାନାରୁ ଫେରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୧୫/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ବ୍ୟବସାୟୀଙ୍କ ମୃତ୍ୟୁରେ ବଜାର ବନ୍ଦ

ଔପଦା,୭।୧୦(ଧରିତ୍ରୀ ପଣ୍ଡା)

ଔପଦା ବଜାରର ଯୁବ ବ୍ୟବସାୟୀ ହୃଷିକେଶ ସେଠୀ (ଖଜ)ଙ୍କ ଦୁର୍ଘଟଣା ଜନିତ ମୃତ୍ୟୁରେ ବ୍ୟବସାୟୀ ସଂଘ ପକ୍ଷରୁ ବଜାର ବନ୍ଦ କରାଯାଇଛି। ନିକଟସ୍ଥ ନରମା ଗ୍ରାମର ଶିବ ପ୍ରସାଦ ସେଠୀଙ୍କ ପୁଅ ହୃଷିକେଶ ଔପଦା ବଜାରରେ କୁକୁଡ଼ା ମାଂସ ଦୋକାନ କରିଥିଲେ। ୪ଦିନ ପୂର୍ବେ କୌଣସି କାମରେ ମୟୂରଭଞ୍ଜର ପଦ୍ମ ପୋଖରୀ ଅଞ୍ଚଳକୁ ଯାଇଥିଲା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲ।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ବାଲେଶ୍ୱର,୭।୧୦(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସୋଲପଟା ଅଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ଦୁଇବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଗ୍ରାମର ଅନୁକୂଳ ପରମାଣିକଙ୍କ ଦୁଇବର୍ଷର ଶିଶୁପୁତ୍ର ଖେଳୁଥିଲା ବେଳେ ଅସାବଧାନତା ବଶତଃ ନିକଟସ୍ଥ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

## ଶାନ୍ତି କମିଟି ବୈଠକ

ବସ୍ତା,୭।୧୦(ହରି ଶଙ୍କର ପାଢ଼ୀ)- ଦୁର୍ଗା ପୂଜାକୁ ଶାନ୍ତି ଶୃଙ୍ଖଳାରେ ସମ୍ପୂର୍ଣ୍ଣ କରିବା ପାଇଁ ବସ୍ତା ଥାନା ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଶାନ୍ତି କମିଟି ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୂଜା କମିଟିର ମୁଖ୍ୟମାନଙ୍କୁ ବିଭିନ୍ନ ବ୍ୟବସ୍ଥା ପାଇଁ ଠିକ୍ ପ୍ରମାଣପତ୍ର ସଂଗ୍ରହ କରିବା ସହିତ ବିଦ୍ୟୁତ୍ କନେକ୍ସନ ପାଇଁ ପୂର୍ଣ୍ଣ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ବେଆଇନ ବାଲି ବୋଝେଇ ହାଇୱା ଜବତ

ସୋର, ୭।୧୦(ଜନ୍ମେଜୟ ମିଶ୍ର)- ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ତଳନଗର ନିକଟରେ ଖଣି ବିଭାଗ ଚଢ଼ାଉ କରି ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ସକାଳେ ବାଲେଶ୍ୱର ଖଣି ଅଧିକାରିଣୀ ସନ୍ତୋଷିନୀ ସେଠୀ ଖବର ପାଇ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ହାଇୱାଗୁଡ଼ିକର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଏକ ହାଇୱା ବେଆଇନ ଭାବେ ବାଲି ପରିବହନ କରୁଥିବା ଜାଣିପାରି ତାହାକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି। ଗାଡି ମାଲିକଙ୍କ ନିକଟରୁ ଫାଇନ ଆଦାୟ କରାଯିବ ବୋଲି ଖଣି ଅଧିକାରିଣୀ ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସିମୁଳିଆ, ୭।୧୦(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କୁଟାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୂରଲୀଧର ନାୟକ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ରୂପେ ସିମୁଳିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ସହଶିକ୍ଷା ଅଧିକାରୀ ବିଦ୍ୟାଧର ମହାଳିକ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ସେଠୀ, ସମିତିସଭ୍ୟା ସୌଦାମିନୀ ଜେନା, ସିଆରସିସି ରାଜେଶ କୁମାର ପାଢୀ, ବରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ସର୍ବମଙ୍ଗଳା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ପରମେଶ୍ୱର ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ପ୍ରସାଦ ବେହେରା, କୁଟାରୀ ପ୍ରାଥମିକ ବିଦ୍ୟାଳୟର ସଭାପତି ଦୁର୍ଯ୍ୟୋଧନ ରାଉତ ଓ କନକଲତା ରାଉତ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ରୂପେ ଗୋଷ୍ଠୀ ସମ୍ବଳ କର୍ମୀ ବିଶ୍ୱମ୍ବର ପଣ୍ଡା ଯୋଗଦେଇ ଅନ୍ୟମାନଙ୍କୁ ଭଲ ପାଉଥିବା ଆଦର୍ଶ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ ଅନ୍ୟମାନେ ଏକତ୍ରିତ ହୋଇଥାଆନ୍ତି ବୋଲି କହିଥିଲେ। ପୁରାତନ ଛାତ୍ରୀଛାତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ବିଭିନ୍ନ ବର୍ଗରୁ ଅବସର ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସହକାରୀ ଶିକ୍ଷକ ରିଲୁ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିତ୍ୟ ବାହିନୀର କର୍ମକର୍ତ୍ତା ସମ୍ମିଳନୀ

ଜଳେଶ୍ୱର,୭।୧୦(ରବିନାରାୟଣ ପାତ୍ର): ଜଳେଶ୍ୱର ଷ୍ଟେଶନବଜାର କାଳୀମନ୍ଦିର ପରିସରରେ ଆଦିତ୍ୟବାହିନୀ, ଆନନ୍ଦ ବାହିନୀର ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଂଗଠନର ଉପାଧ୍ୟକ୍ଷ ରଘୁନାଥ ମହାନ୍ତ, ବ୍ରହ୍ମଚାରୀ ସ୍ୱୟଂପ୍ରଶାନ୍ତ ଜୀ, ରାଜ୍ୟ ମହାସଚିବ ବେଜ କୁମାର ପ୍ରମୁଖ ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ହିନ୍ଦୁରାଷ୍ଟ୍ର ଅଭିଯାନ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ପୂର୍ଣ୍ଣେନ୍ଦୁ ପାଣିଗ୍ରାହୀ, ଗିରିଜା ଶଙ୍କର କର, ସତ୍ୟନାରାୟଣ କର, ମଳୟ ପ୍ରଧାନ, ଯାଦବେନ୍ଦ୍ର ପ୍ରଧାନ, ଗୀତାଞ୍ଜଳି ପରିଡ଼ା, ପ୍ରଦୀପ ମହାନ୍ତି, ଶାନ୍ତନୁ ପ୍ରଧାନ, ବିଶ୍ୱଜିତ୍ ବେହେରା, ଗୌରହରି ମହାନ୍ତି, ରଞ୍ଜନ ପାତ୍ର, ବିନୋଦ ଅଗ୍ରୱାଲା, ଶୁଭଶ୍ରୀ ସାହୁ, ଅର୍ଚ୍ଚନା ପାତ୍ର, ପିଙ୍କି ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ବାଣପୁର ମିନି ଅଙ୍ଗନୱାଡି କେନ୍ଦ୍ରରେ ଅଚଳାବସ୍ଥା

### ସହାୟିକା ନିଯୁକ୍ତିକୁ ନେଇ ବିବାଦ


ତଦନ୍ତ ଦାବିରେ ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଏକଜୁଟ ହୋଇଥିବା ଗ୍ରାମବାସୀ।

ଖଇରା,୭।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଣପୁର ମିନି ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତିକୁ ନେଇ ବିବାଦ ଘନେଇବାରେ ଲାଗିଛି । ପ୍ରଶାସନର ସ୍ଥାଣୁତାକୁ ଦାୟୀ କରି ୩ ତାରିଖରୁ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ପଠାଉ ନ ଥିବାରୁ ଅଚଳାବସ୍ଥା ଲାଗି ରହିଛି। ବର୍ତ୍ତମାନ ଖଇରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ସମାଧାନ ଉଦ୍ୟମରେ ବିଳମ୍ବ ହେଉଛି। ସୋମବାର ସୁପରଭାଇଜର ସମାଧାନ ପାଇଁ କେନ୍ଦ୍ରକୁ ଯାଇଥିଲେ ହେଁ କୌଣସୀ ନିଷ୍କର୍ଷ ବାହାରି ନାହିଁ। ଗ୍ରାମବାସୀ ନିଯୁକ୍ତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଜିଦ୍‌ରେ ଅଟଳ ଅଛନ୍ତି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ଏହି ବିବାଦର ସମାଧାନ କରି ଅଚଳାବସ୍ଥା ଦୂର କରିବା ପାଇଁ ଗ୍ରାମର ହୃଷିକେଶ ସେଠୀ, ମିନାକ୍ଷୀ ସେଠୀ, ସୁଦର୍ଶନ ସେଠୀ, ମଦନମୋହନ ବାରିକ, ଅକ୍ଷୟ କୁମାର ବେହେରା, ବାସନ୍ତୀ ଦାସ, ମୁନୀ ହୋଇ ପ୍ରମୁଖ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ମିନି ଅଙ୍ଗନୱାଡ଼ି କେନ୍ଦ୍ରଟି କେନ୍ଦ୍ରର ମାନ୍ୟତା ପାଇବା ପରେ ସହାୟିକା ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କର୍ମୀ ଘରକୁ ଘର ନୋଟିସ ବୁଲାଇବା ପରିବର୍ତ୍ତେ କିଛି ନିଜର ଲୋକଙ୍କ ମଧ୍ୟରେ ଏହାକୁ ସୀମିତ ରଖିଥିଲେ। ଯେଉଁଥିପାଇଁ କର୍ମୀଙ୍କ ଜଣେ ସମ୍ପର୍କୀୟାଙ୍କୁ ଏହି ପଦବୀ ହାତେଇବାକୁ ସୁବିଧା ହୋଇଥିଲା। ଗ୍ରାମରେ ବହୁ ଯୋଗ୍ୟା ମହିଳା ଓ ଯୁବତୀଙ୍କ ନିଯୁକ୍ତି ପାଇଥିବା ସହାୟିକାଙ୍କଠାରୁ ଅଧିକ ନମ୍ବର ଥିଲେ ହେଁ ସେମାନେ ଏଥିରୁ ବଞ୍ଚିତ ହୋଇଥିଲେ। ଅଗଷ୍ଟ ୧୪ରେ ସହାୟିକାଙ୍କ କାର୍ଯ୍ୟରେ ଯୋଗଦାନ ପରେ ଘଟଣା ଗ୍ରାମବାସୀଙ୍କ ନଜରକୁ ଆସିଥିଲା। ପରେ କର୍ମୀଙ୍କ ପକ୍ଷପାତିତା ଯୋଗୁ ଏଭଳି ଅନିୟମିତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରି ତଦନ୍ତ ପାଇଁ ଖଇରା ସମନ୍ୱିତ ଶିଶୁ ବିକାଶ ଯୋଜନାର ତତ୍କାଳୀନ ଅଧିକାରିଣୀ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଅଧିକାରୀମାନେ ଏଥିପ୍ରତି ଗୁରତ୍ୱ ଦେଉ ନ ଥିବାରୁ ପଢୁଥିବା ୧୨ଜଣ ପିଲାଙ୍କର ଅଭିଭାବକମାନେ ସେମାନଙ୍କର ପିଲାମାନଙ୍କୁ ୩ ତାରିଖରୁ କେନ୍ଦ୍ରକୁ ଛାଡୁ ନାହାଁନ୍ତି। ଏଭଳି ନିଯୁକ୍ତିରେ ତାଙ୍କ ତରଫରୁ କୌଣସୀ ତ୍ରୁଟି ଥିବା ବିଷୟକୁ କର୍ମୀ ଜାନକୀ ବାରିକ ଅସ୍ୱୀକାର କରିଛନ୍ତି। ସେହିଭଳି ଗ୍ରାମର ଶେଷ ମୁଣ୍ଡରେ ନିଜସ୍ୱ ଜାଗାରେ ୫ବର୍ଷ ତଳୁ ଗୃହ ତିଆରି ହୋଇ ସାରିଥିବା ବେଳେ ବିବାଦ ଯୋଗୁ ଏବେ ବି ଏହି ଅଙ୍ଗନୱାଡି କେନ୍ଦ୍ର ହରିହାଟ ଘରେ ଚାଲିବା ଅଧିକାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଉଦଳା ଡାକ୍ତରଖାନାର ହେବ ନବକଳେବର

### ନିର୍ମାଣ ହେବ ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠା


ଡାକ୍ତରଖାନା ପରିସରରେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଓ ଅନ୍ୟମାନେ।

ଉଦଳା, ୭।୧୦ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳାଠାରେ ଥିବା ଉପଖଣ୍ଡସ୍ତରୀୟ ଡାକ୍ତରଖାନା ନବକଳେବର ହେବାକୁ ଯାଉଛି। ଏହାକୁ ନେଇ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖିବାକୁ ମିଳିଛି। ସୋମବାର ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଜିଲା ଚିକିତ୍ସାଧିକାରୀ ଅଭୟ ଦାସ, ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ଇନ୍‌ଚାର୍ଜ ଡିପିଏମ୍ ବିଶ୍ୱରଞ୍ଜନ ରାଉତ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀକାନ୍ତ ପତିଙ୍କ ତତ୍ତ୍ୱାବଧାନରେ ଡାକ୍ତରଖାନା ପରିସରରେ ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ୫୨ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଡାକ୍ତରଖାନା ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ନିର୍ମାଣ ହେବ। ଏହି ଅତ୍ୟାଧୁନିକ କୋଠାରେ ଆଇସିୟୁ, ଔଷଧ ବିତରଣ କେନ୍ଦ୍ରଠାରୁ ଆରମ୍ଭ କରି ଅତ୍ୟାଧୁନିକ ଶୈଳୀରେ କୋଠା ନିର୍ମାଣ ହେବ ବୋଲି ବିଧାୟକ କହିଛନ୍ତି।

ଅଧିକ ୧୦୦ ଶଯ୍ୟା ହେବା ଫଳରେ ଉପଖଣ୍ଡ ଡାକ୍ତରଖାନାରେ ରୋଗୀ ସେବା ପାଇଁ ପ୍ରାଧାନ୍ୟ ଦିଆଯିବ। ଏହାସହ ପାର୍କିଂ ବ୍ୟବସ୍ଥା, ମେଡିକାଲ ନିମନ୍ତେ ନୂତନ ଡାକ୍ତର, ବିଭିନ୍ନ ବିଭାଗୀୟ କର୍ମଚାରୀ ନିଯୁକ୍ତି, ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ହେବ ବୋଲି ଜଣାଯାଇଛି। ସୂଚନା ଅନୁଯାୟୀ ସ୍ଥାନ ନିରୂପଣ ପରେ ପୂର୍ତ୍ତ ବିଭାଗ ଇଞ୍ଜିନିୟରଙ୍କ ସହାୟତାରେ ନକ୍ସା ତିଆରି କରାଯାଇଛି। କିପରି ଉନ୍ନତମାନ ସହ ଶୀଘ୍ର ଉକ୍ତ କୋଠା କାମ ସରିବ ଏବଂ ରୋଗୀଙ୍କ ସହାୟତାରେ ଆସି, ତାହା ଉପରେ ବିଧାୟକ ଗୁରୁତ୍ୱ ଦେଇଛନ୍ତି। ସ୍ଥାନ ନିରୂପଣ କାର୍ଯ୍ୟରେ କ୍ରମରେ ଭାଜପାର ବରିଷ୍ଠ ନେତା ବିଭୂତି ଭୂଷଣ ମହାନ୍ତ, ପ୍ରଭାତ ପରିଡ଼ା, ଶରତ ଚନ୍ଦ୍ର ଦାସଙ୍କ ସହ ଏନ୍‌ଏସିର ବିଭିନ୍ନ ୱାର୍ଡ କାଉନସିଲର ଓ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ସହଯୋଗ କରିଥିଲେ।

## ସୁବର୍ଣ୍ଣ ଜୟନ୍ତୀ ପାଇଁ ଭୁବନେଶ୍ୱରରେ ପ୍ରସ୍ତୁତି ବୈଠକ

ବାରିପଦା,୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ନଭେମ୍ବର ୯ ଓ ୧୦ ତାରିଖରେ ହେବାକୁ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ନିମନ୍ତେ ଭୁବନେଶ୍ୱରସ୍ଥିତ ମୟୂରଭଞ୍ଜ ଭବନଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ମନ୍ଦାକିନୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବାଣିଜ୍ୟ ବିଭାଗର ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରାଯାଇ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ଉପେନ୍ଦ୍ର ନାଥ ସାହୁ ପରାମର୍ଶ ଦେଇଥିଲେ। ପୂର୍ବତନ ବାଣିଜ୍ୟ ଛାତ୍ର ରଜନୀ ମହାନ୍ତି, ସଞ୍ଜୀବ କୁମାର ଆଚାର୍ଯ୍ୟ, ନଚିକେତା ପୁରୋହିତ, ପି.କେ. ଦାସ ପଟ୍ଟନାୟକ, ଗୋକୁଳ ଚନ୍ଦ୍ର ଦାସ, ମନୋରଞ୍ଜନ ବାରିକ, ସୁଜିତ କୁମାର ଭଞ୍ଜ, ଜ୍ୟୋତିକୃଷ୍ଣ ପଲେଇ, ବିଜୟ ଦାସ ମହାପାତ୍ର, ଗୋବର୍ଦ୍ଧନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପୂର୍ବତନ ବାଣିଜ୍ୟ ଛାତ୍ରୀଛାତ୍ର ଯୋଗଦେବାକୁ ରିସେପସନ କମିଟି ସଦସ୍ୟ ଅକ୍ଷୟ କୁମାର ଅଗ୍ରୱାଲ ଅନୁରୋଧ କରିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ତେଲକୋଇବାସୀ

■ଚକଦର ପ୍ରକଳ୍ପକୁ ବିରୋଧ ବଢ଼ୁଛି
■ବିକ୍ଷୋଭ ସଭାରେ କଂଗ୍ରେସ, ବିଜେଡି ନେତା

କେନ୍ଦୁଝର,୭ା୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ତେଲକୋଇବାସୀ ଏକାଠି ହୋଇଛନ୍ତି।

କେନ୍ଦୁଝର ଜିଲା ତେଲକୋଇଠାରେ ପ୍ରସ୍ତାବିତ ଚକଦର ପ୍ରକଳ୍ପକୁ ବିରୋଧ କରି ସୋମବାର ତେଲକୋଇବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ତେଲକୋଇ ସମାକୋଇ ଚକଦର ପ୍ରକଳ୍ପ ସମନ୍ୱୟ ସମିତି ଡାକରାରେ ତେଲକୋଇ ଅଞ୍ଚଳବାସୀ କେନ୍ଦୁଝର ଜିଲା ମୁଖ୍ୟାଳୟକୁ ଶୋଭାଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିକ୍ଷୋଭ ସଭାରେ କଂଗ୍ରେସ, ବିଜେଡି ତଥା ଅନ୍ୟ ସଂଗଠନର ନେତ୍ରୀ, ନେତା ଯୋଗଦେଇ ପ୍ରକଳ୍ପ ବିରୋଧରେ ରଣହୁଙ୍କାର ଦେଇଥିଲେ।

ପ୍ରକାଶ ଯେ, ପ୍ରକଳ୍ପକୁ କୋଡ଼ିଏ ବର୍ଷ ପୂର୍ବେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ସ୍ଥଗିତ ରଖାଯାଇଥିଲା। ନୂଆ ସରକାର ଆସିବା ପରେ ବଜେଟରେ ଏହି ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା ଘୋଷଣା ପରେ ଲୋକଙ୍କ ଅସନ୍ତୋଷ ବଢ଼ିଥିଲା। ଏହାର ପ୍ରତିବାଦରେ ବହୁବାର ତେଲକୋଇ ବନ୍ଦ ଡାକରା ଦିଆଯିବା ସହ ଏନ୍ଏଚ୍ ୪୯ ଅବରୋଧ କରି ଆନ୍ଦୋଳନ କରାଯାଇଛି। ଏ ନେଇ ସରକାରଙ୍କ ଆଭିମୁଖ୍ୟକୁ ନେଇ ଜିଲା ମୁଖ୍ୟାଳୟରେ ଘେରାଉ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି। ବିନା ଗ୍ରାମସଭା, ପଲ୍ଲୀସଭାରେ ଏହି ପ୍ରକଳ୍ପ କିପରି ହେଉଛି। ୪୦୨ ଫୁଟର ଡ୍ୟାମ ନିର୍ମାଣ ଓ ୩୯୦ ଫୁଟ ପାଣି ରହିବ ବୋଲି ଭୁଲ ସୂଚନା ଦେଇ ପ୍ରକଳ୍ପ କରାଯାଉଛି। ୬୦ ଜଣଙ୍କ ନାମରେ କେସ ହୋଇଛି, ଯାହାକୁ କମିଟି କିମ୍ବା ତେଲକୋଇବାସୀ ଭୟ କରନ୍ତି ନାହିଁ। ଅନୁଗୋଳ ଜିଲାକୁ ତୁଷ୍ଟ କରିବାକୁ ଏହି ପ୍ରକଳ୍ପ ନିର୍ମାଣ ହେଉଛି। ରାଜତନ୍ତ୍ର ବିରୋଧରେ ଲଢ଼ିଥିବା ବିପ୍ଳବୀ ଧରଣୀ ଭୂୟାଁଙ୍କ ମାଟିର ଆମେ ସନ୍ତାନ। କଂଗ୍ରେସ ଓ ବିଜେଡି ସରକାର ଲୋକଙ୍କ ସ୍ୱାର୍ଥ ପାଇଁ ପ୍ରକଳ୍ପ ବନ୍ଦ କରିଥିଲା। ଏବେ ଭାଜପା ସରକାର ଲୋକଙ୍କ ସ୍ୱାର୍ଥକୁ ଭୁଲିଯାଇଛି। ବଞ୍ଚିବା ଅଧିକାରର ସମ୍ମାନ, ଭିଟାମାଟି ପାଇଁ ଲଢ଼େଇ ଜାରି ରହିବ। ଆବଶ୍ୟକ ହେଲେ ସମସ୍ତେ ଆତ୍ମାହୁତି ଦେବୁ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଜେଡି ଜିଲା ପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ନିର୍ମଳ ନାୟକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଧନୁର୍ଜୟ ସିଦ୍ଧୁ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ଏମ୍‌ପି ଯଶୋବନ୍ତ ଲାଗୁରି ପ୍ରମୁଖ କହିଥିଲେ। କମିଟିର ସଭାପତି କୈଳାସ ଚନ୍ଦ୍ର ପ୍ରଧାନ, ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ନାରାୟଣ ପ୍ରଧାନ, ଇଂ. ବିନୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରୁପା ମୁକୁଟ, ଗହଣାରେ ଝଲସିବେ ମା'



### ଡେଲି ମାର୍କେଟ ଶାରଦୀୟ ଦୁର୍ଗାପୂଜା

କେନ୍ଦୁଝର,୭ା୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଡେଲି ମାର୍କେଟରେ ଚଳିତ ବର୍ଷ ୬୦ତମ ଶାରଦୀୟ ଦୁର୍ଗାଦେବୀଙ୍କ ପୂଜା ଅନୁଷ୍ଠିତ ହେବ। ଏଥି ପାଇଁ ସାର୍ବଜନୀନ ଦୁର୍ଗାପୂଜା ଓ ସାଂସ୍କୃତିକ ସଂସ୍ଥା ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ମୂର୍ତ୍ତି ନିର୍ମାଣ ପ୍ରାୟତଃ ସରିଥିବା ବେଳେ ରଙ୍ଗ ମରା ଆଦି ସାଜସଜା ଆରମ୍ଭ ହୋଇଛି। ପୂର୍ବ ବର୍ଷ ପରି ମା'ଙ୍କୁ ରୂପା ମୁକୁଟ ଓ ଗହଣାରେ ସଜିତ କରିବା ସହ ମେଢକୁ ମଧ୍ୟ ରୌପ୍ୟ ରଙ୍ଗରେ ରଙ୍ଗାଯାଉଛି ବୋଲି ସଂସ୍ଥାର ଉପସଭାପତି ମନରଞ୍ଜନ ସାହୁ କହିଛନ୍ତି। ପ୍ରକାଶ ଯେ, ଏଠାରେ ମାଟିର ପୋଷାକ ବଦଳରେ ରଙ୍ଗିନ ଲୁଗା ଲାଗି ହୋଇଥାଏ। ଆନନ୍ଦପୁର ଅଞ୍ଚଳର ମୂର୍ତ୍ତି କାରିଗର ଟିଙ୍କି ମୂର୍ତ୍ତି ନିର୍ମାଣ କରିଛନ୍ତି। ଚଳିତ ବର୍ଷ ମାଗଣା ପ୍ରସାଦ ସହିତ ଭଜନ, କୀର୍ତ୍ତନ ଅନୁଷ୍ଠିତ ହେବ ବୋଲି ଯୁଗ୍ମ ସମ୍ପାଦକ ଅରବିନ୍ଦ ରାମ କହିଛନ୍ତି। ଏହି ପୂଜାରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କ ମିଳିତ ସହଯୋଗରେ ତଥା ଡେଲି ମାର୍କେଟର ଦୋକାନୀ, ବ୍ୟବସାୟୀଙ୍କ ସହଭାଗିତାରେ ଅନୁଷ୍ଠିତ ହୋଇଆସୁଛି। ବୁଧବାରଠାରୁ ପୂଜା ଆରମ୍ଭ ହେଉଥିବା ବେଳେ ଶୁକ୍ରବାର ମହାଅଷ୍ଟମୀ ପୂଜା ସହିତ ଚଣ୍ଡିପାଠ, ହୋମ ଆଦି ଅନୁଷ୍ଠିତ ହେବ। ଶନିବାର ମହାନବମୀ, ରବିବାର ନିର୍ମାଲ୍ୟ ବାସିନୀ ପୂଜା ସହିତ ଅପରାଜିତା ପୂଜା, ବିସର୍ଜନ ପୂଜା ଅନୁଷ୍ଠିତ ହେବ। ସୋମବାର ଭସାଣୀ ହେବ। ସଂଗଠନର ସଭାପତି କୈଳାସ ଚନ୍ଦ୍ର ପଣ୍ଡା, ସମ୍ପାଦକ ସନ୍ଦିପ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଖବର ପ୍ରକାଶ ପରେ ମରାମତି ହେଲା

### ମଲ୍ଲୀପଶିରେ ନଳକୂପ ଅଚଳ ଘଟଣା

ପାଟଣା,୭ା୧୦(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖରୀ ପଞ୍ଚାୟତ ମଲ୍ଲୀପଶି ଗ୍ରାମ ୬ ନମ୍ବର୍ ୱାର୍ଡ ଭୂମିଜ ସାହିରେ ନଳକୂପ ଅଚଳ କାରଣରୁ ଲୋକେ ହନ୍ତସନ୍ତ ହେଉଥିଲେ। ଏ ନେଇ ସୋମବାର ଧରିତ୍ରୀରେ 'ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବରକାଗଜ କଟିଂକୁ କେନ୍ଦୁଝର ସଦର ବ୍ଲକ୍ ନୁଆଗାଁ ପଞ୍ଚାୟତ ବୀରକିଶୋରପୁର ଗ୍ରାମର ବିକ୍ରମ କେଶରୀ ମହାନ୍ତ ଟୁଇଟ୍ କରି ସିଏମଓ ଓଡ଼ିଶା, ମୁଖ୍ୟ ଶାସନ ସଚିବ, ଆରଡବ୍ଲ୍ୟୁଏସଆଣ୍ଡଏସ୍ କେନ୍ଦୁଝର, ଜିଲା ପ୍ରଶାସନ, ପାଟଣା ବ୍ଲକ୍ ପ୍ରଶାସନକୁ ଟ୍ୟାଗ କରିଥିଲେ। ସୋମବାର ପାଟଣା ବ୍ଲକ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ନଳକୂପ ମରାମତି କରାଯାଇଛି। ଆରଡବ୍ଲ୍ୟୁଏସ୍ଆଣ୍ଡଏସର ଡିଭିଜନ ପକ୍ଷରୁ ଟୁଇଟର ମାଧ୍ୟମରେ ସ୍ୱଚ୍ଛିକରଣ ଦିଆଯାଇଛି।

# 'ଓଡ଼ିଆ ସଂସ୍କୃତିର ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ବାଉରୀବନ୍ଧୁ କର ସ୍ମାରକୀ ସମାରୋହ

କେନ୍ଦୁଝର,୭ା୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)


ସମାରୋହରେ ଉପସ୍ଥିତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଅନନ୍ତ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, କୁଳପତି ପ୍ରଫେସର ପ୍ରତାପ ମହାନ୍ତି ଓ ଅନ୍ୟମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଓ ଧରଣୀଧର ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଚତୁର୍ଥ ରାଜ୍ୟସ୍ତରୀୟ ପ୍ରଫେସର ବାଉରୀବନ୍ଧୁ କର ସ୍ମାରକୀ ସାରସ୍ୱତ ସମାରୋହ ଓ ଜାତୀୟ ଆଲୋଚନାଚକ୍ର ସୋମବାର ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସମାରୋହ ଓ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଭାରତର ନୂତନ ଶିକ୍ଷା ନୀତି, ମାତୃଭାଷାର ବିକାଶ ଓ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ଓଡ଼ିଆ ସଂସ୍କୃତିର ସୁରକ୍ଷାରେ ସରକାରଙ୍କ ଅପେକ୍ଷା ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ଅନ୍ୟତମ ମଞ୍ଚାସୀନ ଅତିଥି କେନ୍ଦୁଝରର ଏମ୍‌ପି ଅନନ୍ତ ନାୟକ ଜ୍ଞାନ ଆହରଣ ଯେତିକି ଗୁରୁତ୍ୱପୂର୍ଣ୍ଣ ତାର ଉପଯୁକ୍ତ ବିନିଯୋଗ ଓ ଅନ୍ୟାୟର ପ୍ରତିବାଦ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତାଭାବେ ନାଟ୍ୟକାର ପ୍ରଫେସର ବିଜୟ ଶତପଥୀ ଯୋଗଦେଇଥିଲେ। ଡ. ଶୁଭଶ୍ରୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ଭାଷା ଗବେଷଣା ପ୍ରତିଷ୍ଠାନର ଉପ ସଭାପତି ଡ. ବିମ୍ବାଧର ବେହେରା ସଭାପତିତ୍ୱ କରିଥିବା ବେଳେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟକ ଦାସ ବେନହୁର, ଲେଖକ ଅସିତ୍ ମହାନ୍ତି, ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିସର ବ୍ରହ୍ମପୁରର ଉପସଚିବ ଡ. କୁଳମଣି ଓଝା, ଅନ୍ୟତମ ଆଲୋଚକ କବି ଦେବାଶିଷ ଚକ୍ରବର୍ତ୍ତୀ, ଆଲୋଚନାଚକ୍ରର ସଭାପତି ସଂସ୍କୃତି ଗବେଷକ ଡ. ବିମ୍ବାଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଗବେଷଣା ପ୍ରତିଷ୍ଠାନର ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚଳିତ ବର୍ଷ ବାଉରୀବନ୍ଧୁ କର ପ୍ରବନ୍ଧ 'ସମ୍ମାନ' ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ବର୍ଷାରାଣୀ ବାରିକ ଓ ପବିତ୍ର ମହାକୁଡଙ୍କୁ ବାଉରୀବନ୍ଧୁ କର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।

## ଏନ୍ଏସି ପକ୍ଷରୁ ଦୋକାନରେ ଚଢ଼ାଉ

ଚମ୍ପୁଆ ୭ା୧୦(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ପକ୍ଷରୁ ସଦରମହକୁମାରେ ବିଭିନ୍ନ ଦୋକାନ ବଜାର ଉପରେ ଏନ୍ଏସି ପକ୍ଷରୁ ଚଢ଼ାଉ କରାଯାଇଛି। ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ପ୍ଲାଷ୍ଟିକ୍ ଜବତ କରାଯାଇଥିଲା। ଏନ୍ଏସି ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିବା ବେଳେ ୩୫୦୦ ଟଙ୍କା ଫାଇନ ଆଦାୟ କରାଯାଇଛି। ସୂଚନା ଅନୁସାରେ, ଚମ୍ପୁଆ ଏନଏସି ଅଧୀନରେ ସରକାରଙ୍କ ପକ୍ଷରୁ ପଲିଥିନ ଉପରେ କଟକଣା କରିଥିଲେ ମଧ୍ୟ ଏହାକୁ ଅବମାନନା କରି ଚମ୍ପୁଆ ବଜାରରେ ପଲିଥିନ କାରବାର ବୃଦ୍ଧିପାଇଥିଲା। ଖାଦ୍ୟ ପଦାର୍ଥ ନେବା ଆଣିବା କରିବା ପାଇଁ ଦୋକାନୀ ପଲିଥିନକୁ ଏକମାତ୍ର ମାଧ୍ୟମ ରୂପେ ବ୍ୟବହାର କରି ଆସୁଥିଲେ। ବାରମ୍ବାର ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏନ୍ଏସି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଛି। ସିଏମ୍ଏମ୍ ଅନନ୍ତ ଚରଣ ସାହୁ, ଏସ୍‌କେ ସାହାବାଜ, ବିଜୟ କୁମାର ମିଶ୍ର, ସ୍ୱର୍ଣ୍ଣପ୍ରଭା ମହାରଣା ଓ ପ୍ରକାଶ କୁଣ୍ଡୁଙ୍କ ସମେତ ସ୍ୱଚ୍ଛ ସାଥି ଓ ସ୍ୱଚ୍ଛ ସୁପରଭାଇଜର ଚଢାଉ ଅଭିଯାନରେ ସାମିଲ ହୋଇ ପଲିଥିନ ଜବତ କରିବା ସହ ଜରିମାନା ଆଦାୟ କରିଥିଲେ।

## ଦୁର୍ଗାପୂଜା କମିଟି, ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ

ରାମଚନ୍ଦ୍ରପୁର,୭ା୧୦(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ସାଇଁକୁଳ ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ରବିବାର ମା' ଦୁର୍ଗା ସେବା ସଂଗଠନ, ରାମଚନ୍ଦ୍ରପୁର ଥାନା, ସାଇଁକୁଳ ଫାଣ୍ଡିର କର୍ମଚାରୀ ଓ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଚାରିପାର୍ଶ୍ୱ ସହ ଦୁର୍ଗା ପଡ଼ିଆ, ଯାତ୍ରା ପଡ଼ିଆ, ରାସ୍ତାର ଉଭୟ ପାର୍ଶ୍ୱକୁ ସଫା କରିଥିଲେ। ଥାନା ଅଧିକାରୀ ବିଜୟ ସିଂ, ଫାଣ୍ଡି ଅଧିକାରୀ ସୁରେଶ ମାଝୀ, ଏନ୍‌ସିସିର ଅଧକ୍ଷ ଲେଫ୍ଟନାଟ ଜୟଦେବ ଦାସ, ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ ସ୍ୱାଇଁ, ବିଷ୍ଣୁ ସାମଲ, କଳାକାର ସାମଲ, ରଘୁନାଥ ପଣ୍ଡା, ମହେନ୍ଦ୍ର ଚକ୍ର, ଅଶୋକ ଘଡ଼େଇ, ଭାନୁପ୍ରତାପ ପଟ୍ଟନାୟକ, ମା' ଦୁର୍ଗା ସେବା ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଏକାନ୍ତ ଆବଶ୍ୟକ


ସଭାରେ ଉପସ୍ଥିତ ଅତିଥିମାନେ।

ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)/ଘସିପୁରା(ନିରଞ୍ଜନ ସାହୁ),୭ା୧୦

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଦ୍ୱାରା ଜିଲାସ୍ତରୀୟ ୭୦ ତମ ବନ୍ୟପ୍ରାଣୀ ସପ୍ତାହ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ସଭାଗୃହରେ ସୋମବାର ପାଳିତ ହୋଇଯାଇଛି। ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଅଶୋକ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବେହେରା, ଜିଲା ସହକାରୀ ବନ ସଂରକ୍ଷକ ଅଶୋକ ଦାସ ପ୍ରମୁଖ ଯୋଗଦେଇ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଏମାନଙ୍କର ସଂରକ୍ଷଣ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ନିଜର ସାଧୁ ଉଦ୍ୟମ ପାଇଁ ଆନନ୍ଦପୁରର ତ୍ରିଲୋଚନ ସାହୁ, ଚମ୍ପୁଆର ଗୋପାଳକୃଷ୍ଣ ନାଇକ, କେନ୍ଦୁଝର ସହରରୁ ଓମ ପ୍ରକାଶ ଜେନା ପ୍ରମୁଖଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର–୨୦୨୪ ପ୍ରଦାନ କରାଯାଇଥିଲା। ସେହିପରି ତେଲକୋଇର ବିଜୟ ମୁଣ୍ଡା, ସାହାରଡ଼ା ବ୍ଲକ୍ କୁନ୍ଦଳାର ଖଡିବେଡା ବନସୁରକ୍ଷା ସମିତିକୁ ପ୍ରକୃତିମିତ୍ର ଭାବେ ପୁରସ୍କୃତ କରାଯାଇଥିଲା।

### ଚମ୍ପୁଆ ଶିଶୁ ମନ୍ଦିରକୁ ପ୍ରକୃତି ମିତ୍ର ଓ ଅରବିନ୍ଦଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ଚମ୍ପୁଆ,୭ା୧୦(ମହେଶ୍ୱର ଦାସ): ଓଡିଶା ସରକାରଙ୍କ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ୨୦୨୪-୨୫ ପରୀପ୍ରେକ୍ଷୀରେ ଚମ୍ପୁଆ ଶିଶୁ ମନ୍ଦିରକୁ ପ୍ରକୃତି ମିତ୍ର ଓ ଶିକ୍ଷକ ଅରବିନ୍ଦ ମହାନ୍ତଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଆନନ୍ଦପୁର ବନ୍ୟପ୍ରାଣୀ ସମ୍ମିଳନୀ ସଭାଗୃହଠାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅରବିନ୍ଦ ମହାନ୍ତ ବର୍ତ୍ତମାନ ହୁଞ୍ଜପୋଶି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ବିଭିନ୍ନ ମନ୍ଦିର ପ୍ରାଙ୍ଗଣ ଓ ବିଦ୍ୟାଳୟଗୁଡ଼ିକରେ ଚାରାରୋପଣ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏକ ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ଅବସ୍ଥିତ ରହିଛି। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଓ ଶିକ୍ଷକ ଅରବିନ୍ଦ ମହାନ୍ତଙ୍କୁ ୨୦,୦୦୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଉପବିଜେତା ହେଲେ ବାରିପଦାର ଆୟୁଷ

### ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ




ବାରିପଦା,୭ା୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାକୁ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ସଫଳତା ମିଳିଛି। ବାରିପଦାର ଯୁବ ଖେଳାଳି ଆୟୁଷ ପଟ୍ଟନାୟକ ଉପବିଜେତା ହୋଇ କୃତିତ୍ୱ ଅର୍ଜନ କରିଛନ୍ତି। ଆଫ୍ରିକା ଦେଶର ୟୁଗାଣ୍ଡାର କମ୍ପାଲାଠାରେ ଅକ୍ଟୋବର ୩ରୁ ୬ ପର୍ଯ୍ୟନ୍ତ ବ୍ୟାଡମିଣ୍ଟନ ସିରିଜ ୨୦୨୪ ଅନୁଷ୍ଠିତ ହୋଇଥିଲା। ଉକ୍ତ ସିରିଜରେ ଅନ୍ୟ ବ୍ୟାଡମିଣ୍ଟନ ଖେଳାଳିଙ୍କ ସମେତ ଆୟୁଷ ଅଂଶଗ୍ରହଣ କରିଥିଲେ। ଅନୁଗୋଳର ଅଭିନାଶ ମହାନ୍ତିଙ୍କ ସମେତ ଆୟୁଷ ମିକ୍ସ ପୁରୁଷ ଡବଲ ବର୍ଗରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଉଭୟ ଯୁଗ୍ମ ଭାବେ ଅନ୍ତର୍ଜାତୀୟସ୍ତରରେ ଉପ ବିଜେତା ହୋଇଛନ୍ତି। ଆୟୁଷ ବାରିପଦାର ବେଲଗଡ଼ିଆ ଅଞ୍ଚଳର ସ୍ୱର୍ଗତ ଅମୀୟ ପଟ୍ଟନାୟକ ଓ ମିତାଲି ପଟ୍ଟନାୟକଙ୍କ ପୁଅ ଅଟନ୍ତି। ସେ ବର୍ତ୍ତମାନ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେଶୀ ଆଣ୍ଡ ମ୍ୟାନେଜମେଣ୍ଟର ଯୁକ୍ତ ତିନି ଶେଷ ବର୍ଷର ଛାତ୍ର ଅଟନ୍ତି। ସେ ଏଥି ପୂର୍ବରୁ ରାଜ୍ୟସ୍ତରରେ ଚାମ୍ପିୟନ, ଇଷ୍ଟ ଜୋନ୍‌ରେ ଦୁଇ ଥର ଓ ଜାତୀୟସ୍ତରରେ ଚାମ୍ପିୟନ ହୋଇଛନ୍ତି। ତାଙ୍କର କୃତୀ ନେଇ ମୟୂରଭଞ୍ଜ ବ୍ୟାଡମିଣ୍ଟନ ଡେଭଲପମେଣ୍ଟ କମିଟି, କ୍ରୀଡ଼ା ପ୍ରେମୀ ଓ ଅନ୍ୟ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ତାଲା ଭାଙ୍ଗି ଶିକ୍ଷକଙ୍କ ଘରୁ ଲୁଟ୍

ପାଟଣା,୭ା୧୦(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର ଗ୍ରାମର ଜଣେ ଶିକ୍ଷକଙ୍କ ଘର ତାଲା ଭାଙ୍ଗି ରବିବାର ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଶିକ୍ଷକ ଶିବ କୁମାର ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଶିକ୍ଷକ ଶିବ କୁମାର ସେଠୀ ଉଦୟପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେ କରଞ୍ଜିଆରେ ରହୁଥିବା ବେଳେ ଘରେ ବୃଦ୍ଧ ମାତା, ପିତା ରହୁଥିଲେ। ରବିବାର ପରିବାର ଲୋକେ ଝାଡ଼ଖଣ୍ଡକୁ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯାଇଥିଲେ। ସେଠାରୁ ଫେରି କରଞ୍ଜିଆରେ ରହିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରର ମୁଖ୍ୟ ଦ୍ୱାରା ତାଲା ଭାଙ୍ଗି ଘରେ ଥିବା ୩ ଟି ସୁନା ଚେନ, ୪ ଟି ହାର, ୨ ମଙ୍ଗଳସୂତ୍ର, ୮ ଟି ମୁଦି ଦୁର୍ବୃତ୍ତ ନେଇଛନ୍ତି। ସୋମବାର ସକାଳୁ ଘରର ଚାବି ଭାଙ୍ଗା ଯାଇଥିବା ଦେଖି ପୋଡ଼ଶୀଙ୍କଠାରୁ ସୂଚନା ପାଇଁ ଶିକ୍ଷକ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ପାଟଣା ଥାନା ଏସ୍ଆଇ ଲକ୍ଷ୍ମଣ ମାଝୀ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଏକ ମାମଲା(ନଂ. ୩୦୯/୨୪)ରୁଜୁ ହୋଇଛି।

# କାର୍ଯ୍ୟାନୁଷ୍ଠାନ ଦାବିରେ ପୁଣି ଜିଲାପାଳଙ୍କୁ ଦାବିପତ୍ର

### ଗ୍ରାମ୍ୟ ଜଙ୍ଗଲରୁ ଗଛକଟା ଘଟଣା

କେନ୍ଦୁଝର,୭ା୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)


ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ବିଟ୍ ଅନ୍ତର୍ଗତ କୃଷ୍ଣପୁର ଗ୍ରାମ୍ୟ ଜଙ୍ଗଲରୁ କେତେକ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବରେ ମୂଲ୍ୟବାନ ଶାଳ ଓ ଅନ୍ୟାନ୍ୟ ଗଛ କାଟି ବିକ୍ରି କରିବା ଘଟଣାକୁ ନେଇ ବିବାଦ ବଢ଼ୁଛି। ସୋମବାର ସ୍ଥାନୀୟ ଲୋକେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଫଟୋ ପ୍ଲାକାର୍ଡ ଧରି ପ୍ରଦର୍ଶନ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସ୍ଥାନୀୟ ଡିଏଫଓଙ୍କ କାର୍ଯ୍ୟାଳୟ ଆଗାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଭିଯୋଗ ମୁତାବକ, ଉକ୍ତ ବ୍ୟକ୍ତିମାନେ ବନ ବିଭାଗଠାରୁ ପ୍ରାୟ ୨୫୦୫ଟି ଗଛର ଅନୁମତି ନେଇ ୨ ଗୁଣା ମୂଲ୍ୟବାନ ଗଛ କାଟି ଚାଲାଣ କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଙ୍ଗଲ କମିଟି ପକ୍ଷରୁ ବୈଠକ ଡକାଇଯାଇଥିଲା। ବୈଠକରେ ଗ୍ରାମର ୧୨ ଜଣ ପ୍ରଭାବଶାଳୀ ବ୍ୟକ୍ତି ଛୁରି ଓ ଭୁଜାଲି ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଗ୍ରାମବାସୀ ଗତ ୩୦ ତାରିଖରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପୁଣି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଅଭିଯୋଗ କରିଛନ୍ତି। ସେମାନେ ପ୍ଲାକାର୍ଡ ଧରି ସେଥିରେ କଟା ଶାଳ ଗଛ ଫଟୋକୁ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ବନ ବିଭାଗ ମଧ୍ୟ ତଦନ୍ତ କରିଥିଲେ ହେଁ କାହାକୁ ଧରପଗଡ଼ କରି ନ ଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳର ଜଣେ ବନ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ଘଟଣା ପରେ ଟ୍ରେନିଂ ପାଇଁ ପଠାଇଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳରେ ଜନବସତି ମୁହାଁ ହୋଇ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟାଉଛନ୍ତି। ସେହିପରି ବନ୍ୟପ୍ରାଣୀଙ୍କ ବାସସ୍ଥାନର ସୁରକ୍ଷା ପାଇଁ ମଧ୍ୟ ଆଲୋଚନା ହୋଇ ନୀତି ନିର୍ଦ୍ଧାରଣ କରାଯାଉଛି। ଏଭଳି ପରିସ୍ଥିତିରେ ଏତେ ସଂଖ୍ୟାରେ ଗଛ କାଟିବା ଅନୁମତି କିଭଳି ଦିଆଗଲା, ତାହାର ତଦନ୍ତ ହେବା ଜରୁରୀ ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି।

## ଶାରଦୀୟ ଦୁର୍ଗାପୂଜା, କାଳୀପୂଜା ପାଇଁ ଶାନ୍ତି କମିଟି ବୈଠକ

ଉଦଳା,୭ା୧୦(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡରେ ଶାରଦୀୟ ଦୁର୍ଗାପୂଜା ଓ କାଳୀପୂଜା–୨୦୨୪ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉଦ୍ଦେଶ୍ୟରେ ସୋମବାର ଏକ ଶାନ୍ତି କିମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପ ଜିଲାପାଳ ସୁଶାନ୍ତ ବାରିକଙ୍କ ଅଧକ୍ଷତାରେ ଉଦଳାର ବିଧାୟକ ଭାସ୍କର ମଢ଼େଇ, ଏନ୍ଏସି ଅଧକ୍ଷା ପ୍ରମିଳା ପଣ୍ଡା, ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ପୂଜାମଣ୍ଡପ, ତୋରଣ, ଅଗ୍ନି ନିରାପତ୍ତା, ବିଦ୍ୟୁତ୍‌କରଣ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ରାସ୍ତା ମରାମତି, ପରିଷ୍କାର ପରିଚ୍ଛନ୍ନ, ରାସ୍ତା ଆଲୋକୀକରଣ, ମାଦକ ଦ୍ରବ୍ୟ ବ୍ୟବହାର ନିୟନ୍ତ୍ରଣ, ରାବଣ ପୋଡ଼ି ଏବଂ ମୂର୍ତ୍ତି ବିସର୍ଜନ ବିଷୟରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମସ୍ତ ପୂଜା ମଣ୍ଡପରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ସଂଯୋଗ ଏବଂ ଶାନ୍ତି ଶୃଙ୍ଖଳା ସହ ଟ୍ରାଫିକ ନିୟନ୍ତ୍ରଣ ଉପରେ ପୂଜା କମିଟି କର୍ମକର୍ତ୍ତା ବିଶେଷ ଧ୍ୟାନ ଦେବାକୁ ଅତିଥି ପରାମର୍ଶ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ, କର୍ମଚାରୀ ଅଜିତ୍ ମହାପାତ୍ର, ଉପ ଜିଲାପାଳଙ୍କ କାର୍ଯ୍ୟଳୟର କର୍ମଚାରୀ ରମେଶ ପୃଷ୍ଟି, ଉଦୟ ନାୟକ, ଇଭାନ ଦଳେଇ ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

